# କେଶୁରା ଷ୍ଟେଟ୍ ବ୍ୟାଙ୍କ କଲୋନିରୁ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ ।

ରାଜଧାନୀ ଉପକଣ୍ଠସ୍ଥ କେଶୁରା ଠାରେ ଥିବା ଷ୍ଟେଟ୍ ବ୍ୟାଙ୍କ କଲୋନିରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । 'ଆମ ଓଡ଼ିଶା', ଦେବାଶ୍ରମ ଆପାର୍ଟମେଣ୍ଟ୍ ଓନରସ୍ ୱେଲଫେୟାର ସୋସାଇଟ୍, ଦେବାଶ୍ରମ ସ୍ପୋର୍ଟସ କ୍ଲବ ଓ ଦେବାଶ୍ରମ କଲଚରାଲ କ୍ଲବର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିବା ଏହି ଶିବିରରୁ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତଦାନ ପାଇଁ ସ୍ଥାନୀୟ ବାସିନ୍ଦା ଓ ନିକଟସ୍ଥ ଆଇଆଇଟି ହଷ୍ଟେଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଦେବାଶ୍ରମ ଆପାର୍ଟମେଣ୍ଟ୍ ଓନର୍ସ ୱେଲ୍‌ଫେୟାର ସୋସାଇଟର ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଅନୁଷ୍ଠାନର ସଦସ୍ୟ ନୀଳମାଧବ ପାଣି,ସ୍ମୃତି କୁମାର ବୋଷ,ରାଜକିଶୋର ମିଶ୍ର,ସତ୍ୟପ୍ରକାଶ ମିଶ୍ର,ବଳରାମ ପଟ୍ଟନାୟକ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସେହିପରି ସ୍ପୋର୍ଟସ କ୍ଲବ୍ ଓ କଲଚରାଲ୍ କ୍ଲବ୍ ତରଫରୁ ନିଗମାନନ୍ଦ ପାତ୍ର,ଅମ୍ଳାନ ମିଶ୍ର,ଅଞ୍ଜନ ନାୟକ,ଦେବେନ୍ ମିଶ୍ର,ପ୍ରଶାନ୍ତ କୁମାର ବିଶ୍ୱାଳ,ଆକବର୍ ଅଲ୍ଲୀଖାନ୍ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ବିଏମ୍ସି ରକ୍ତଭଣ୍ଡାର ଓ ଆମ ଓଡ଼ିଶାର କର୍ମକର୍ତାମାନେ ଉପସ୍ଥିତ ଥିଲେ ।